## ୬ ବଖରା ଜଳିଗଲା

ଚାନ୍ଦବାଲି/ବନ୍ତ, (ଡି.ଏନ.ଏ./ସ୍ୱ.ପ୍ର.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଓ ବନ୍ତ ବ୍ଲକ ଆଗରପଡ଼ା ଥାନା ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୬ ବଖରା ଜଳିଯାଇଛି। ଚାନ୍ଦବାଲି ବ୍ଲକ ଉତ୍ତରସାହି ଗାଁର ପ୍ରଫୁଲ୍ଲ ଯେନାଙ୍କ ଘରେ ମଙ୍ଗଳବାର ନିଆଁ ଲାଗି ୨ବଖରା ଜଳିଯାଇଛି। ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲା। ବୁଧବାର ପୂର୍ବାହ୍ନରେ ପଞ୍ଚୁଟିକ୍ରି ଆର୍‌ଆଇ ଆସି ଅନୁଧାନ କରି ଯାଇଛନ୍ତି। ଆଗରପଡ଼ା ଥାନା ଅଧୀନ ପୁରୁଷଣ୍ଡ ଗ୍ରାମରେ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ବାବାଜୀ ଚରଣ ସିଂହଙ୍କ ୪ ବଖରା ଜଳିଯାଇଛି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୫ଗିରଫ

ବାରିପଦା ଅଫିସ,୨୨।୧୨-ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ମଙ୍ଗଳବାର ରାତିରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ଲାପ୍‌ଟପ୍ ଓ ୯ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୦୪୦/୨୧) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ବାରିପଦା ସହରରେ ଜୁଆଖେଳ ଓ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବ୍ରାଉନସୁଗାର, ଗଞ୍ଜେଇ ଭଳି ନିଶା ଦ୍ରବ୍ୟ ଖୁଲମଖୋଲା ବିକ୍ରି ହେଉଥିବା ବେଳେ ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି। ୬ଟଙ୍କାରେ କୋଟିପତି ହେବାର ନିଶାରେ ସହରବାସୀ ଲଟେରୀ ଟିକଟ କିଣି ସର୍ବସ୍ୱାନ୍ତ ହେଉଛନ୍ତି। ଅନ୍‌ଲାଇନ ମାଧ୍ୟମରେ ଏବେ ଜୁଆ ଖେଳ ଜୋରଦାର ଚାଲିଛି। ସହରର ଶୂନଗଡ଼ିଆ ଅଞ୍ଚଳରେ ଏହି କାରବାର ପ୍ରତିଦିନ ଚାଲୁଥିବା ଖବରପାଇ ଟାଉନ ପୋଲିସ ଚଢ଼ାଉ କରିଥିଲା । ତେବେ ଅନ୍‌ଲାଇନ ଜୁଆ ଖେଳ ଓ ନିଶା କାରବାର ସହର ଉପକଣ୍ଠ ତେନ୍ତୁଲିଡିଙ୍ଗା, ମୁର୍ଗାବାଡ଼ି, ଦାମଦୋରପୁର ଓ ତକତପୁର ଅଞ୍ଚଳରେ ଖେଳାଯାଉଥିବା ଦେଖିବାକୁ ମିଳିଛି। ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

### ଚିଙ୍ଗୁଡ଼ି ଫାର୍ମରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

#### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଚାନ୍ଦବାଲି, ୨୨।୧୨ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମରା କରଣପଲ୍ଲୀ ସ୍ଥିତ ନାଳିଛକ ନିକଟ ଏକ ଚିଙ୍ଗୁଡ଼ି ଫାର୍ମରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ କରଣପଲ୍ଲୀ ଗାଁର ପ୍ରଳୟ ମଣ୍ଡଳ। ଏନେଇ ପରିବାର ପକ୍ଷରୁ ପ୍ରଳୟଙ୍କୁ ହତ୍ୟା କରାଯାଇଥିବା ବାଁଶଡ଼ା ଥାନାରେ ଅଭିଯୋଗ ହୋଇଛି। ତେବେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ପ୍ରଳୟ ମଙ୍ଗଳବାର ରାତିରେ ସାଙ୍ଗମାନଙ୍କ ସହ ଭୋଜି ଖାଇବାକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଖୋଜାଖୋଜି କରି ପାଇ ନ ଥିଲେ। ବୁଧବାର ଭୋରରେ ଉକ୍ତ ଚିଙ୍ଗୁଡ଼ି ଫାର୍ମରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତଦନ୍ତ ଜାରି ରହିଥିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ବାଲି ଚୋରି ରୋକିବାକୁ ଖୋଳାଗଲା ଟ୍ରେଞ୍ଚ

ଚମ୍ପୁଆ,୨୨।୧୨(ଡି.ଏନ.ଏ)-କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଅଧୀନରେ ଥିବା ବାଲି ଉତ୍ସ ଗୁଡିକରୁ ନିୟମିତ ବ୍ୟବଧାନରେ ବାଲି ଚୋରି ହେଉଥିବା ବେଳେ ତହସିଲ ବିଭାଗ ପକ୍ଷରୁ ଏହି ବାଲି ଚୋରି ରୋକିବା ପାଇଁ ପଦକ୍ଷେପ ଆରମ୍ଭ କରାଯାଇଛି। ବିଶେଷ ଭାବରେ ବାଲି ମାଫିଆ ମାନେ ବାଲିଚୋରି ପାଇଁ ଟ୍ରାକ୍ଟର ବ୍ୟବହାର କରୁଥିବାରୁ ବିଭାଗ ପକ୍ଷରୁ ରାସ୍ତାରେ ଟ୍ରେଞ୍ଚ ଖୋଳାଯାଇଛି। ସୂଚନା ଅନୁସାରେ ଚମ୍ପୁଆରେ ଥିବା ବାଲି ଉତ୍ସ ଗୁଡିକ କାର୍ଯ୍ୟକ୍ଷମ ହେଉ ନ ଥିବା ବେଳେ ଲୋକ ଝାଡ଼ଖଣ୍ଡ ଓ ମୟୁରଭଞ୍ଜରୁ ବାଲି କିଣି ନିର୍ମାଣ କାମ କରିବାକୁ ଏକ ପ୍ରକାର ବାଧ ହେଉଛନ୍ତି। ଏହାକୁ ଆଖି ଆଗରେ ରଖି ବାଲି ଚୋରିକୁ ରୋକିବା ପାଇଁ ତହସିଲଦାର ସାଇ ସସ୍ମିତାଙ୍କ ନିର୍ଦ୍ଦେଶ କ୍ରମେ ଏହି ଟ୍ରେଞ୍ଚ ଖୋଳାଯାଇଛି ବୋଲି ଜଣାଯାଇଛି।

### ହିତାଧିକାରୀଙ୍କୁ ସହାୟତା ରାଶି ବାଣ୍ଟିଲେ ବିଧାୟକ

ବାସୁଦେବପୁର, ୨୨।୧୨ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଫିସ୍ ପରିସରରେ ବୁଧବାର ୧୦ ହିତାଧିକାରୀଙ୍କୁ ରାଶନ କାର୍ଡ ସହାୟତା ରାଶି ବଣ୍ଟନ କରାଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଜଣେ ହିତାଧିକାରୀଙ୍କୁ ୧ ହଜାର ଲେଖାଏ କୋଭିଡ୍ ସହାୟତା ବଣ୍ଟନ କରିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରତ୍ୟେକ ରାଶନକାର୍ଡ ହିତାଧିକାରୀଙ୍କୁ କୋଭିଡ୍ ସହାୟତା ବାବଦକୁ ୧ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯିବାର ନିର୍ଦ୍ଦେଶ ମିଳିବା ପରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ବିଡିଓ ସତ୍ୟଜିତ ରାଉତ, ଯୋଗାଣ ଅଧିକାରୀ ଅଜୟ ଦାସ, ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ସରପଞ୍ଚ ପ୍ରଫୁଲ୍ଲ ପଳିତା, ପ୍ରଫୁଲ୍ଲ ବିଶ୍ୱାଳ, ଗିରିଶ ଚନ୍ଦ୍ର ସାମଲ, ଅରୁଣ ମହାନ୍ତି, ସମିତିସଭ୍ୟ ଉମାକାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା କଡ଼ରେ ନିରାଶ୍ରୟ

- ହାଡ଼ଭଙ୍ଗା ଶୀତରେ ଥରୁଛନ୍ତି
- ଆଶ୍ରୟସ୍ଥଳୀରେ ମିଳୁନି ଜାଗା

ବାରିପଦା ଅଫିସ,୨୨।୧୨

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଘୁରି ବୁଲୁଥିବା ଅସହାୟ, ବାସହୀନ, ମାନସିକ ବିକୃତ ଓ ଦିବ୍ୟାଙ୍ଗମାନଙ୍କୁ ଥଇଥାନ କରାଯାଉନାହିଁ। ହାଡ଼ଭଙ୍ଗା ଶୀତରେ ସେମାନେ ରାସ୍ତା କଡ଼ରେ ପଡ଼ି ରହୁଛନ୍ତି। ଏନେଇ ଅଣରାଜନୈତିକ ସଙ୍ଗଠନ ଜାଗ ମୟୂରଭଞ୍ଜ ଜାଗର କର୍ମକର୍ତ୍ତାମାନେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ସେମାନଙ୍କୁ ଥଇଥାନ କରା ନ ଗଲେ ଅଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଜିଲାରେ ଏବେ ଅସହ୍ୟ ଶୀତ ଅନୁଭୁତ ହେଉଛି। ୧୦ ଦିନ ହେଲା ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ମଙ୍ଗଳବାର ପାରଦ ୭.୫ଡିଗ୍ରୀ ସେଲିସିୟସ ରହିଥିଲା। ପ୍ରବଳ ଶୀତ ଲହରୀ ଯୋଗୁ ଜିଲା ପ୍ରଶାସନ ୟଲୋ ୱାର୍ଣ୍ଣି



ରାତି ସମୟରେ ରାସ୍ତା ପାର୍ଶ୍ୱରେ ଶୋଇଥିବା ଅସହାୟ।

ଜାରି କରି ଡାକବାଜି ଯନ୍ତ୍ର ଯୋଗେ ରାତି ସମୟରେ ଲୋକଙ୍କୁ ଘରୁ ନ ବାହାରିବାକୁ ସଚେତନ କରୁଛି। ତେବେ ବାରିପଦା ସହରରେ ଥିବା ଅସହାୟ, ମାନସିକ ବିକୃତ ଓ ଦିବ୍ୟାଙ୍ଗମାନେ ଶୀତକଷ୍ଟରେ ଫୁଟପାଥରେ ଶୋଉଥିବା ନେଇ ସଙ୍ଗଠନ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ପ୍ରଶାସନ ପକ୍ଷରୁ ଦୁଇଟି ଆଶ୍ରୟସ୍ଥଳୀ ରହିଥିବା ବେଳେ ଅସହାୟମାନଙ୍କୁ ଥଇଥାନ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ବସଷ୍ଟାଣ୍ଡ, ରାସ୍ତାପାର୍ଶ୍ୱ, ଦୋକାନ ବାରଣ୍ଡା ଓ ଗଛମୂଳେ ଶୀତ କାକରରେ ସେମାନେ ପଡ଼ିରହୁଛନ୍ତି । ପଡ଼ୋଶୀ ଜିଲା ଓ ରାଜ୍ୟରୁ ଆସୁଥିବା ବ୍ୟବସାୟୀମାନେ ସହରର ଆଶ୍ରୟସ୍ଥଳୀକୁ କବଜା କରି ରଖୁଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅସହାୟଙ୍କ ସୁରକ୍ଷା ପାଇଁ ହେଉଥିବା କାର୍ଯ୍ୟକ୍ରମ କେବଳ କାଗଜକଲମରେ ଚାଲିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ସଙ୍ଗଠନର ପ୍ରତିଷ୍ଠାତା ଅରୁଣ କୁମାର ବେହେରା, ସୋନାଲୀ ପ୍ରିୟଦର୍ଶନୀ ବେହେରା ଓ ତପସ୍ୱିନୀ ରଣା ପ୍ରମୁଖ ଜିଲାପାଳଙ୍କୁ ଭେଟିବା ପରେ ଖୁବଶୀଘ୍ର ଏକ ଟିମ୍ ପଠାଇ ସେମାନଙ୍କୁ ଆଶ୍ରୟସ୍ଥଳୀରେ ରଖାଯିବ ବୋଲି ଜିଲାପାଳ ଭରଦ୍ୱାଜ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ବିବିଧ ସମସ୍ୟା, ଏକକ ସମାଧାନ କେନ୍ଦ୍ର




ନିଷ୍ଠା' ପ୍ରକଳ୍ପରେ ଖୋଲାଯାଇଥିବା ଶିବିର।

### 'ନିଷ୍ଠା'ର ଶୁଭାରମ୍ଭ

ବାଲେଶ୍ୱର ଅଫିସ, ୨୨।୧୨

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ନିକଟରେ ଏହାର ଗ୍ରାହକ ଅଭିଯୋଗ ସମାଧାନ ପ୍ରକଳ୍ପ 'ନିଷ୍ଠା'ର ଶୁଭାରମ୍ଭ କରାଯାଇଛି। ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ ଏବଂ ବିଦ୍ୟୁତ୍‌ଜନିତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ 'ନିଷ୍ଠା' ପ୍ରକଳ୍ପ ଆରମ୍ଭ କରାଯାଇଛି। ପ୍ରୋଜେକ୍ଟ ନିଷ୍ଠା ଜରିଆରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ମିଟର୍ ନ ଥିବା, ସଂଯୋଗ କିମ୍ବା ତ୍ରୁଟିପୂର୍ଣ୍ଣ ମିଟର୍, ବ୍ୟବସ୍ଥାରେ ସୌଭାଗ୍ୟ ମିଟର୍‌କୁ ଅପଡେଟ୍ କରିବା ଆଦି ସମସ୍ୟାର ସମାଧାନ କରାଯିବ। ଟିପିଏନ୍‌ଓଡିଏଲ୍ ଅଧୀନରେ ଥିବା ଜିଲାଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ୧୬ ଡିଭିଜନ୍‌ରେ ପ୍ରାୟ ୨୨୪ ଶିବିର ଆୟୋଜନ କରାଯାଇଛି। ଯେଉଁଥିରେ ୫୧୭୯ ଜଣ ଗ୍ରାହକ ଭାଗ ନେଇଛନ୍ତି। ଏହାବ୍ୟତୀତ କମ୍ପାନୀ ସଫଳତାର ସହିତ ୩୩୪୩ରୁ ଅଧିକ ସ୍ପଟ୍ ବିଲ୍‌ର ସମାଧାନ କରାଯାଇଛି। ୧୦୧ ନୂଆ ସଂଯୋଗ ପଞ୍ଜୀକୃତ କରିଥିବା ବେଳେ ୪୫୭ ସ୍ପଟ୍ ରିଡିଂ ଭିତ୍ତିକ ବିଲ୍ ସୃଷ୍ଟି କରିଛି। ୨୪ଟି ବିଦ୍ୟୁତ୍ ସଂଯୋଗ କାଟିବା ନୋଟିସ୍ ଜାରି କରିଛି। ୪୩୨ଟି ମିଟର ତଥ୍ୟକୁ ସ୍ପଟ୍‌ରେ ହାସଲ କରାଯାଇଛି ଏବଂ ଏହି ପ୍ରକଳ୍ପ ଜରିଆରେ ୧୩୪ଟି ଗ୍ରାହକ ତଥ୍ୟର ସ୍ପଟ୍ ସଂଶୋଧନ କରାଯାଇଛି। ଏନେଇ ଟିପିଏନ୍‌ଓଡିଏଲ୍ ସିଇଓ ଭାସ୍କର ସରକାର କହିଛନ୍ତି ଯେ, ଗ୍ରାହକ ସନ୍ତୁଷ୍ଟି ହେଉଛି ଟିପିଏନ୍‌ଓଡିଏଲ୍‌ର ଏକ ଅବିଚ୍ଛେଦ୍ୟ ଅଙ୍ଗ। ନିଷ୍ଠା ପ୍ରକଳ୍ପ ସହିତ ଗ୍ରାହକଙ୍କୁ ଭରସାଯୋଗ୍ୟ, ସୁଲଭ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଇବାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛୁ। ବିଦ୍ୟୁତ୍ ଉପଭୋକ୍ତାମାନେ ଏହି ପ୍ରକଳ୍ପରୁ ଉପକୃତ ହେବେ।

## ଡିଇଓ କାର୍ଯ୍ୟାଳୟ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

ବାଲେଶ୍ୱର ଅଫିସ, ୨୨।୧୨

ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ(ଏଡିଇଓ) ଭାବେ କାର୍ଯ୍ୟରତ ପବିତ୍ରମୋହନ ବାରିକ ଏକ ବିଦ୍ୟାଳୟର ରିପୋର୍ଟ ପ୍ରଦାନରେ ବିଳମ୍ବକୁ ନେଇ ଜଣେ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କାର୍ଯ୍ୟରତ କର୍ମଚାରୀଙ୍କ ଦ୍ୱାରା ଗଠିତ ଷ୍ଟାଫ୍ କମିଟି ପକ୍ଷରୁ ବୁଧବାର କଲମ ଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଛି। ଫଳରେ ଜିଲା ଶିକ୍ଷା ବିଭାଗର ବହୁ କାର୍ଯ୍ୟ ଠପ୍ ହୋଇଯାଇଛି।

ଏ ସମ୍ପର୍କରେ ଏଡିଇଓ ପବିତ୍ର ମୋହନ ବାରିକ କହନ୍ତି, ଏକ ବିଦ୍ୟାଳୟର ପୁନଃ ପଞ୍ଜିକରଣ ପାଇଁ ଭେରିଫିକେସନ୍ ରିପୋର୍ଟ ସହିତ ସମସ୍ତ କାଗଜପତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଡିପିଇଓ ନାୟକଙ୍କ ପାଖରେ ଦାଖଲ



କଲମ ଛାଡ଼ ଆନ୍ଦୋଳନ କରିଥିବା କର୍ମଚାରୀ।

କରାଯାଇଥିଲେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ହଇରାଣ କରାଯାଉଥିବା ବିଦ୍ୟାଳୟ ମାଲିକ ଅଭିଯୋଗ କରିଥିଲେ। ଏହାକୁ ନେଇ ତାଙ୍କୁ ପଚରାଉଚରା କରି ବୁଝିବା ବେଳେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ସହ ମତାନ୍ତର ହୋଇଥିଲା। ତାଙ୍କୁ କୌଣସି ପ୍ରକାର ଗାଳିଗୁଲଜ କିମ୍ବା ଅଶାଳୀନ ବ୍ୟବହାର କରି ନ ଥିବା ପ୍ରକାଶ କରିଛନ୍ତି। ଜିଲା ଶିକ୍ଷାଧିକାରୀ ବିଷ୍ଣୁମୋହନ ସୂତାର କହନ୍ତି, ସେ ତାଲିମ ପାଇଁ ବାହାରେ ରହିଥିବାରୁ ସମସ୍ୟାର ସମାଧାନ ହୋଇପାରିନାହିଁ। ଘଟଣା ସମ୍ପର୍କରେ ଠିକ୍ ତଥ୍ୟ ମୋ ପାଖରେ ନାହିଁ। ତେବେ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ। ଯିଏ ଦୋଷୀ ତାଙ୍କ ବିରୋଧରେ ନିଶ୍ଚିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ନୀଳଗିରି କଲେଜ ପ୍ରାଧ୍ୟାପକ କରୋନା ପଜିଟିଭ

ସଜନାଗଡ଼, ୨୨।୧୨(ଡି.ଏନ.ଏ.)

ନୀଳଗିରି ମହାବିଦ୍ୟାଳୟ ଜଣେ ପ୍ରାଧ୍ୟାପକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ କଲେଜ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୋକୁଆ ଭୟ ଦେଖିବାକୁ ମିଳିଛି। ସେ ଶୁକ୍ରବାର ପର୍ଯ୍ୟନ୍ତ କଲେଜରେ ଶିକ୍ଷାଦାନ କରିଥିଲେ। ତାଙ୍କୁ ଜ୍ୱର ଛାଡୁ ନ ଥିବାରୁ ସେ ଆଣ୍ଟିଜେନ୍ ଟେଷ୍ଟ କରାଇଥିଲେ। ସେଥିରେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା । ମାତ୍ର ଜ୍ୱର ନ ଛାଡ଼ିବାରୁ ଗତ ୨୦ ତାରିଖରେ ଆର୍‌ଟି-ପିସିଆର ପରୀକ୍ଷା କଲା ପରେ ତାଙ୍କଠାରେ କରୋନା ପଜିଟିଭ୍ ବାହାରିଥିଲା।

## ଧରଣୀଧର କଲେଜରେ ଜାତୀୟ ପାଠଚକ୍ର

କେନ୍ଦୁଝର, ୨୨।୧୨ (ସ୍ୱ.ପ୍ର.)

ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ଜାତୀୟ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ସାହିତ୍ୟର କଳାପକ୍ଷ ଓ ଭାବପକ୍ଷ ଶୀର୍ଷକ ଏହି ଆଲୋଚନା ଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପାଠଚକ୍ରର ମୁଖ୍ୟଅତିଥି ଭାବେ ଗବେଷକ ତଥା ଗାଳ୍ପିକ ଡଃ ସୁନିଲ କୁମାର ରଥ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ କୋହ୍ଲଣ ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡର ବିଭାଗ ମୁଖ୍ୟ ଡଃ ସୁରେଶ ଚନ୍ଦ୍ର ଦାସ, ଓ ବ୍ରହ୍ମ ବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ମହେଶ୍ୱର ପାଢି ଯୋଗଦେଇଥିଲେ। କବି ଅଧ୍ୟାପକ ସୁଧା ଦାଶଙ୍କ ସଂଚାଳନରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଡ. ସୁମନ୍ତ୍ର ନାଏକ ଅତିଥି ପରିଚୟ କରିଥଲେ। ଅଧ୍ୟାପିକା ଶୁଭସ୍ମିତା ଦାଶ ସଂପାନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

## ଓଏମ୍‌ସିର ସମ୍ପ୍ରସାରଣ ଜନଶୁଣାଣି

ଯୋଡା, ୨୨।୧୨ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ବଡବିଲ ତହସିଲ ଅନ୍ତର୍ଗତ ମେସର୍ସ ଓଡିଶା ମାଇନିଂ କର୍ପୋରେସନ ଲିଃର ସର୍ବସାଧାରଣ ଜନଶୁଣାଣି ଶେଷ ହୋଇଛି। ବୁଧବାର ଲୋଇଡାପଦା ପଞ୍ଚାୟତ ତଥା ରୁଗୁଡି ଥାନା ଅନ୍ତର୍ଗତ ଟୋପାଡିହୀ ଗ୍ରାମ ସ୍ଥିତ ଖେଳପଡିଆରେ ଅନୁଷ୍ଠିତ ଏହି ଜନଶୁଣାଣିରେ ନିକଟସ୍ଥ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ସେମାନଙ୍କ ମଧ୍ୟରୁ ୩୮ ଜଣ ସେମାନଙ୍କ ପରିବେଶୀୟ ମତାମତ ଉପସ୍ଥାପନା କରିଥିଲେ।

ଓଏମ୍‌ସି ଗୁଆଲୀ, ଲଇଡାପଦା, ପାଣ୍ଡୁଲିପଶି, ଟୋପାଡିହୀ, ରୁଗୁଡିହୀ, ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରେ ୩୫୮.୨୫୮ ହେକ୍ଟର (ଡିଜିପିଏସ)ଅନୁଯାୟୀ ୩୬୫.୦୨୬ହେକ୍ଟର (ଆରଓଆର) ଅନୁଯାୟୀ ପରିମିତ ଖଣି ଲିଜ ଅଞ୍ଚଳରେ ଗୁଆଲୀ ଲୌହପଥର ଖଣିର ବାର୍ଷିକ ମୋଟ ୩୭.୬୭ ନିୟୁତ ଟନ ଖନନ ସହ ବାର୍ଷିକ ୨୭.୪୪ ନିୟୁତ ଟନ ସିଲେବୁଲ ଲୁହାପଥର, ବାର୍ଷିକ ୨.୫୬ ନିୟୁତ ଟନ ଖଣିଜ ବର୍ଜ୍ୟ, ବାର୍ଷିକ ୭.୪୮ ନିୟୁତ ଟନ ବର୍ଜ୍ୟ, ବାର୍ଷିକ ୦.୧୮୪ ନିୟୁତ ଟନ ଟପ ସଏଲ ସହିତ ଟିପିଏଚ ବହୁମୁଖୀ ସ୍ଥାୟୀ କ୍ରସିଂ ଏବଂ ସ୍କ୍ରିନିଙ୍ଗ ପ୍ଲାଣ୍ଟ ସହିତ ସ୍ଥାୟୀ ଟିପିଏଚ କ୍ରସର ପ୍ଲାଣ୍ଟ, ଭ୍ରାମ୍ୟମାଣ କ୍ରସର ପ୍ଲାଣ୍ଟ ଭ୍ରାମ୍ୟମାଣ ସ୍କ୍ରିନିଂ ପ୍ଲାଣ୍ଟ ଏବଂ ୧୫୦୦ ଟିପିଏଚ ସ୍ଥାୟୀ ସ୍କ୍ରିନିଂ ପ୍ଲାଣ୍ଟ ସ୍ଥାପନା କରିବା ନିମନ୍ତେ ଏହି ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବିତ ଗ୍ରାମବାସୀଙ୍କୁ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର, ପାରିପାର୍ଶ୍ୱିକ ଉନ୍ନୟନ ଏବଂ ସାମାଜିକ ବନୀକରଣ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ। କେନ୍ଦୁଝର ଅତିରିକ୍ତ ଜିଲାପାଳ ସୁଶମା ବିଲୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ କେନ୍ଦୁଝର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଖଣିରେ ପ୍ରସ୍ତାବିତ ସମ୍ପ୍ରସାରଣ ଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷରେ ନିଯୁକ୍ତି ପାଇବେ ବୋଲି ଓଡିଶା ଖଣି ନିଗମର ବଡ଼ବିଲ ରିଜିଓନାଲ ମ୍ୟାନେଜର ଅବନୀକାନ୍ତ ପ୍ରଧାନ ପ୍ରକାଶ କରିଥିଲେ। ଖଣିର ପର୍ସନାଲ ଓ ଆଡମିନିଷ୍ଟ୍ରେଶନ ଜେନେରାଲ ମ୍ୟାନେଜର ଅଶୋକ କୁମାର ବେହେରା ଖଣିର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।

## ପାଟଣାରେ ଖୋଲିଲା ଧାନ ମଣ୍ଡି

ପାଟଣା,୨୨।୧୨(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକରେ ଧାନ କ୍ରୟ ଅଚଳାବସ୍ଥା ଦୂର କରିବା ପାଇଁ ଜିଲାପାଳ ଆଶିଷ ଠାକ୍‌ରେ ବିକଳ୍ପ ରୂପେ ଚଳିତ ବର୍ଷ ନିୟନ୍ତ୍ରିତ ବଜାର କମିଟି ଓ କୃଷି ବିଭାଗକୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ, ସମବାୟ ସଂସ୍ଥାର କର୍ମଚାରୀମାନେ ଧର୍ମଘଟ ଜାରି ରଖିଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ପାଟଣା ବ୍ଲକ ମୁଖ୍ୟାଳୟରେ ଧାନ ମଣ୍ଡିକୁ ବୁଧବାର ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାଙ୍କ ମଧ୍ୟରେ ବିଡିଓ ଈଶ୍ୱର ଚନ୍ଦ୍ର ନାଏକ, ବ୍ଲକ କୃଷି ଅଧିକାରୀ ପରେଶ କୁମାର ଦାଶ, ଯୋଗାଣ ଅଧିକାରୀ ବିଦ୍ୟୁତ ଲତା ନାୟକ ଓ କୃଷି କର୍ମଚାରୀ ଇନ୍ଦ୍ରଜିତ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଧାନ ମଣ୍ଡିରେ ସପ୍ତାହର ସୋମବାର, ଶୁକ୍ରବାର ଓ ଶନିବାର ଦିନ ଧାନ କ୍ରୟ କରାଯିବ ବୋଲି ଯୋଗାଣ ଅଧିକାରୀ ବିଦ୍ୟୁତଲତା ନାୟକ ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗ ସେବା କେନ୍ଦ୍ର ଲୋକାର୍ପିତ




ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କେନ୍ଦୁଝର, ୨୨।୧୨(ଡି.ଏନ.ଏ.)

ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସକ୍ଷମ ସାରା ଦେଶରେ ଦିବ୍ୟାଙ୍ଗଙ୍କ ପାଇଁ ବିଭିନ୍ନ କାର୍ଯ୍ୟ କରି ଆସୁଛି। ପ୍ରାୟ ୨୧ ପ୍ରକାରର ସେବା ଦିବ୍ୟାଙ୍ଗଙ୍କ ନିମନ୍ତେ ଯୋଗାଉଛି ସ୍ୱେଚ୍ଛାସେବୀ ସଂଗଠନ ସକ୍ଷମ। ପ୍ରଥମଥର ଲାଗି ବେସରକାରୀ ଭାବେ ଜିଲାରେ ସକ୍ଷମ ପକ୍ଷରୁ ସ୍ଥାନୀୟ ମାଇନିଂ ରୋଡ୍ ଠାରେ ଦିବ୍ୟାଙ୍ଗ ସେବାକେନ୍ଦ୍ର ଖୋଲାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସକ୍ଷମ ଅଖିଳ ଭାରତୀୟ ସହ ସଂଗଠକ ସମ୍ପାଦକ ତଥା ଭାରତୀୟ ମେଡିକାଲ କମିଶନ ଓ ଭାରତୀୟ ମାନବ ଅଧିକାର କମିଶନର ସଦସ୍ୟ ଡକ୍ଟର ସନ୍ତୋଷ କୁମାର କଲେଟି ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ସେବା ମଧ୍ୟ ସୁବିଧାରେ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ଡକ୍ଟର ସୁବ୍ରତ ଦାସ, ସମାଜସେବୀ ବିପିନ ନନ୍ଦ, ସିଟିଜି ଫାଉଣ୍ଡେସନର ସଭାପତି ଡକ୍ଟର ରାଜେନ୍ଦ୍ର ପଲେଇ ଓ ବରିଷ୍ଠ ଚିକିତ୍ସକ ଡକ୍ଟର ଲକ୍ଷ୍ମୀଧର ପୃଷ୍ଟି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଡକ୍ଟର ସତ୍ୟବ୍ରତ ସାହୁ, ସକ୍ଷମ ସ୍ୱେଚ୍ଛାସେବୀର ସଭାପତି ସନ୍ତୋଷ ମହାପାତ୍ର, ସମ୍ପାଦକ ଡକ୍ଟର ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କ ଧାନ ବିକ୍ରି ଉପରେ ଗୁରୁତ୍ୱ

### ଜିଲା ପରିଷଦର ଶେଷ ବୈଠକ

ଭଦ୍ରକ ଅଫିସ,୨୨।୧୨

ଭଦ୍ରକ ଜିଲା ପରିଷଦର ୧୩ତମ ତଥା ଶେଷ ବୈଠକ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲାପାଳ ତ୍ରିଲୋଚନ ମାଝି, ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ରାଉତ ଓ ସୁକାନ୍ତି ନାୟକ, ଉପାଧ୍ୟକ୍ଷ ଜ୍ୟୋସ୍ନାମଞ୍ଜରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟତଃ ଚାଷୀଙ୍କ ଧାନ ବିକ୍ରି ଓ ଅଞ୍ଚଳର ପାନୀୟ ଜଳ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ନିର୍ବାଚିତ ପ୍ରତିନିଧି ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ନିର୍ବାଚିତ ସମୟସୀମା ମଧ୍ୟରେ କରିଥିବା ତ୍ରୁଟି ମାର୍ଜନା ପାଇଁ ଆଲୋଚନା କରିଥିଲେ।




ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲାପାଳ ତ୍ରିଲୋଚନ ମାଝି ଓ ଅନ୍ୟମାନେ।

## ଜିଲାସ୍ତରୀୟ ହାସା-ଭାଷା ବିଜୟ ଦିବସ

ବନ୍ତ,୨୨।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଲୋକ ପଞ୍ଚାୟତ ଗୋହିରାପଦୀ ଆଦିବାସୀ ସାହିରେ ବୁଧବାର ଜିଲାସ୍ତରୀୟ ହାସା-ଭାଷା ବିଜୟ ଦିବସ ପାଳିତ ହୋଇଯାଇଛି। ଆଦିବାସୀ ସେଙ୍ଗେଲ ଅଭିଯାନର ଜିଲା ସଭାପତି ଭୀମ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦିକା ନମିତା ସୋରେନ୍, ସହସମ୍ପାଦକ ଗୁଲ୍‌ସନ୍ ମୁର୍ମୁ, ଛାତ୍ର ମୋର୍ଚ୍ଚା ସଭାପତି ବୁଦ୍ଧିଆ ହାଁସଦା, ରମେଶ ବାସ୍କେ, ସୁବୋଧ ବାସ୍କେ, ଦୁର୍ଗା ମାରାଣ୍ଡି, ସିଧୁ ମୁର୍ମୁ ଓ ସିଦ୍ଧାନ୍ତ ବେସ୍ରା ଯୋଗ ଦେଇଥିଲେ। ଆଦିବାସୀଙ୍କ ପାଇଁ ଡିସେମ୍ବର ୨୨ ଏକ ସୁବର୍ଣ୍ଣ ଐତିହାସିକ ଦିବସ ବୋଲି ସେମାନେ କହିଥିଲେ। ଏହି ଦିନକୁ ରାଷ୍ଟ୍ରୀୟ ଛୁଟି ଓ ଉତ୍ସବ ଦିବସ ରୂପେ ପାଳନ କରିବା ପାଇଁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଆଦିବାସୀମାନଙ୍କୁ ସାର୍‌ନା ଧର୍ମ କୋଡ୍ ପ୍ରଦାନ, ସାନ୍ତାଳୀ ଭାଷାକୁ ଓଡ଼ିଶାରେ ୨ୟ ରାଜଭାଷା ମାନ୍ୟତା ସହ ହୋ, ମୁଣ୍ଡା, କୁଡୁଖ, ଖଡିଆ ଆଦି ଭାଷାକୁ ସମ୍ବିଧାନର ୮ମ ଅନୁସୂଚୀରେ ସାମିଲ ଆଦି ୮ ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକ ଅଞ୍ଚଳର ଶତାଧିକ ଆଦିବାସୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## 'ବିକଶିତ ହେବ ଶାରୀଶୁଆ ଜଳପ୍ରପାତ'

- ଦିନକ ପରେ ଶିଳାନ୍ୟାସ
- ଖର୍ଚ୍ଚ ହେବ ଅଢେଇ କୋଟି ଟଙ୍କା

ଖଇରା, ୨୨।୧୨(ଡି.ଏନ.ଏ.)

ଆଉ ଦିନକ ପରେ କୁପାରୀ ପର୍ଯ୍ୟଟନ କ୍ଷେତ୍ରର ୨ ପ୍ରମୁଖ ପ୍ରକଳ୍ପ ଶାରୀଶୁଆ ପାହାଡ ଜଳପ୍ରପାତ ଓ କୁପାରୀ ନାଟ୍ୟମଣ୍ଡପକୁ ଅନ୍ୟ କିଛି ସହଯୋଗୀ ମନ୍ତ୍ରୀଙ୍କ ସହ ଶିଳାନ୍ୟାସ କରିବେ ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ପର୍ଯ୍ୟଟନ କ୍ଷେତ୍ରର ସୌନ୍ଦର୍ଯ୍ୟ ୨ଗୁଣ ବୃଦ୍ଧି ପାଇବା ସହ ପର୍ଯ୍ୟଟକମାନେ ଏହାର ଭରପୁର ମଜା ନେବେ । କେବଳ ବର୍ଷାଦିନିଆ ସୃଷ୍ଟି ହେଉଥିବା ଶାରିଶୁଆ ପାହାଡର ଏହି ଜଳପ୍ରପାତ ସବୁଦିନିଆ ପ୍ରପାତରେ ରୂପାନ୍ତରିତ ପାଇଁ ସ୍ଥପତିମାନଙ୍କ ଦ୍ୱାରା ନକ୍ସା ପ୍ରସ୍ତୁତ କରାଯାଇଛି। ଆନୁମାନିକ ୨କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପକୁ ସୌନ୍ଦର୍ଯ୍ୟକରଣ କରାଯିବା ସହ ପର୍ଯ୍ୟଟକଙ୍କ ପାଇଁ




ଶାରୀଶୁଆ ପାହାଡରେ ନିର୍ମିତ ହେବାକୁ ଥିବା ଜଳପ୍ରପାତର ନକ୍ସା।

ଗାଧୁଆ ଘର, ଭୁଦୃଶ୍ୟ, ବଣଭୋଜି ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ମାଣ, ଗାଡି ପାର୍କିଂ, ଫଟୋଗ୍ରାଫିକ ପଏଣ୍ଟ ସମେତ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି।

ଉଲ୍ଲେଖଯୋଗ୍ୟ, ଉକ୍ତ ପ୍ରାକୃତିକ ଜଳପ୍ରପାତ ବର୍ଷାଋତୁରେ କିଛି ମାସ ପ୍ରବାହିତ ହେବା ପରେ ଧାର ନିମ୍ନଭାଗକୁ ଚାଲିଯାଉଥିଲା । ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦାୟିତ୍ୱ ଗ୍ରହଣ କରିବା ପରେ ଆର୍କିଟେକ୍ଟ ଟିମ୍ ସହାୟତାରେ ଏହା କିଭଳି ସବୁଦିନିଆ ପ୍ରପାତକୁ ରୂପାନ୍ତରିତ ହୋଇପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେଇଥିଲେ। ଏଭଳି ପ୍ରକଳ୍ପକୁ ସ୍ଥାନୀୟ ଖଣି ମାଫିଆମାନେ ବିରୋଧ କରିବା ପରେ ଶିଳାନ୍ୟାସରେ ବିଳମ୍ବ ହୋଇଥିଲା । ଏହା କୁପାରୀ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଆସୁଥିବାରୁ ଏହାକୁ ବିକଶିତ କରିବାକୁ ସ୍ଥାନୀୟ ଜନସାଧାରଣ, ପାହାଡ ସଂଲଗ୍ନ ଗ୍ରାମଗୁଡିକର ଅଧିବାସୀମାନେ ଦାବି କରିଥିଲେ। ୨ବର୍ଷ ପରେ ଦାବି ପୂରଣ ହେଉଥିବାରୁ କୁପାରୀ ତଥା ଆଖପାଖ ଗ୍ରାମର ପ୍ରତ୍ୟେକ ପରିବାର ଖୁସି ବ୍ୟକ୍ତ କରିଛନ୍ତି।

